# ଜିଲ୍ଲାରେ ୧୪୧ କରୋନା ପଜିଟିଭ୍: ସହରରୁ ୭୧

କଟକ,୧୮/ଏନ୍ଏନ୍ଏସ୍: କଟକ ମହାନଗର ଅଞ୍ଚଳରେ ଶନିବାର ୭୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୨୦ରେ ପହଞ୍ଚିଛି। ସେହିଭଳି ଆଜି ଜିଲ୍ଲାରୁ ମୋଟ ୧୪୧ ଜଣ ପିଜଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସହରରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଦୁଇ କଣ୍ଟେନମେଣ୍ଟ ଜୋନ୍ ମାଲଗୋଦାମ ବେହେରା ସାହିରୁ ୧୮ଜଣ ଏବଂ ପୁରୁଣା ରାଉସପାଟଣାରୁ ୧୭ ଜଣ ଆଜି କରୋନା ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ପୁରୁଣା ରାଉସପାଟଣାରୁ ଆଜିର ୧୭ ଜଣଙ୍କୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୧୧୫ରେ ପହଞ୍ଚିଛି। ସେହିଭଳି ମାଲଗୋଦାମ ବେହେରା ସାହିରେ ଗତ ୩ ଦିନ ମଧ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୫ ହୋଇଛି। ଏହାଛଡ଼ା ନୂଆପଡା ଅଞ୍ଚଳରେ ଗୋଟିଏ ପରିବାରରୁ ୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବକ୍ସିବଜାର, ଚଣ୍ଡୀ ଛକ ଏବଂ ଓଏସ୍ଏପି ଷଷ୍ଠ ବାଟାଲିୟନରେ ୩ଜଣ ଲେଖାଏଁ ପଜିଟିଭ ଥିବା ଜଣାପଡ଼ିଛି। ବାଦାମବାଡି ଅଞ୍ଚଳରୁ ୨ଜଣ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ଗଣେଶ ଘାଟ, ଓଡିଆ ବଜାର, ଝାଉଁଳିଆପଟି, ଖାତିମ ସାହି, ଜଗତପୁର, ମହାନଦୀ ବିହାର, ଲାଲବାଗ, ମଧୁପାଟଣା, ମର୍କତନଗର, ମର୍କତନଗର ସିଡିଏ ସେକ୍ଟର-୭, ଶେଖବଜାର, ତେଲେଙ୍ଗୀ ବଜାର, ନିମସାହି, ତୁଳସୀପୁର ଏବଂ ମଙ୍ଗଳବାଗ ଅଞ୍ଚଳରୁ ଜଣେ ଲେଖାଏଁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। କଟକ ଜିଲ୍ଲାର ଟିଗିରିଆରୁ ୨୫, ମାହାଙ୍ଗା ଏବଂ କଟକ ସଦରରୁ ୮ଜଣ ଲେଖାଏଁ, ବଡମ୍ବାରୁ ୧୭, ଆଠଗଡ, ସାଲେପୁର ଏବଂ ବାରଙ୍ଗ ଅଞ୍ଚଳରୁ ୩ଜଣ ଲେଖାଏଁ, ନିଆଳି, ନିଶ୍ଚିନ୍ତକୋଇଲି, ବାଙ୍କୀ ଅଞ୍ଚଳରୁ ଜଣେ ଲେଖାଏଁ କରୋନା ପଜିଟିଭ ବାହାରିଛନ୍ତି।